### ଡ୍ରାଇଭର ସଂଘ ଓ ଚାଷୀଙ୍କ କ୍ଷୋଭ

# ଆନ୍ଧ୍ର ପଞ୍ଜୀକରଣ ଗାଡ଼ିରେ ଧାନ ଆଣିଲେ ମଣ୍ଡି ନେଉନି

ପାରଳାଖେମୁଣ୍ଡି,୧୯ ।୧(ସମିସ)



ଗଜପତି ଜିଲ୍ଲା ପ୍ରଶାସନ ତରଫରୁ ଚାଷୀଙ୍କ ଠାରୁ ମଣ୍ଡିରେ ଧାନ କିଣା ଆରମ୍ଭ ହୋଇଛି । ଚାଷୀ ମକର ତଥା ପୋଙ୍ଗଲ ପର୍ବ ପରେ କମ୍ ଲକ୍ଷ୍ୟ ଧାର୍ଯ୍ୟ କରାଯାଇ ମଣ୍ଡି ଖୋଲିଛି । ଏଥିଯୋଗୁ ମକର ତଥା ପୋଙ୍ଗଲ ପର୍ବ ଫିକା ପଡିଥିଲା ଚାଷୀଙ୍କ ପାଇଁ। ଏବେ ନୂତନ ଭାବେ ପୁଣି ଏକ ସମସ୍ୟା ଉଭା ହୋଇଛି। ବିଶେଷ କରି ଗୋଷାଣି ଓ କାଶୀନଗର ବ୍ଲକରେ ଚାଷୀଙ୍କ ଠାରୁ ଆନ୍ଧ୍ରପ୍ରଦେଶ ପଞ୍ଜୀକରଣ ହୋଇଥିବା ଗାଡ଼ିରେ ଧାନ ଆଣିଲେ କ୍ରୟ କରିବାକୁ ଗଜପତି ଜିଲ୍ଲା ପ୍ରଶାସନ ବାରଣ କରିଛି। ଯାହା ବୋଝ ଉପରେ ନଳିତାବିଡା ସଦୃଶ ବୋଲି କହିଛନ୍ତି ଚାଷୀ। ଏଭଳି ସ୍ଥିତିରେ ମାକ୍ସ ପିକ୍ଅପ୍ ଡ୍ରାଇଭର ସଂଘ ମଧ୍ୟ ପାରଳାଖେମୁଣ୍ଡି ବିଧାୟକ ଇଂ.ରୂପେଶ କୁମାର ପାଣିଗ୍ରାହୀଙ୍କୁ ଭେଟି ବିହୀତ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି। ଏହି ଅଞ୍ଚଳରେ ଆନ୍ଧ୍ର ପଞ୍ଜୀକରଣ ଗାଡ଼ି ବହୁ ସଂଖ୍ୟାରେ ରହିଛି। ତେଣୁ ଏଭଳି ଅନୁମତି ଦେଲେ ଚାଷୀଙ୍କ ଧାନ ସୁରୁଖୁରୁରେ ମଣ୍ଡିକୁ ଯାଇପାରିବ ବୋଲି ବିଧାୟକଙ୍କୁ କହିଥିବା ଜଣାଯାଇଛି। ଏବେ ଆନ୍ଧ୍ର ପଞ୍ଜୀକରଣ ଗାଡିରେ ଧାନ ନ ଆଣିବାପାଇଁ କୁହାଯାଉଥିବାରୁ ଦୁଃଖକୁ ଦ୍ୱିଗୁଣିତ କରିଛି। ଏଦିଗରେ ଗଜପତି ଜିଲ୍ଲା ପ୍ରଶାସନ ପଦକ୍ଷେପ ନେବାକୁ ସେମାନେ ବିଧାୟକଙ୍କୁ ଅନୁରୋଧ କରିଛନ୍ତି। ବିଧାୟକ ଶ୍ରୀ ପାଣିଗ୍ରାହୀ ଏନେଇ ସେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଛନ୍ତି।

## ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା



ପାରଳାଖେମୁଣ୍ଡି,୧୯ ।୧(ସମିସ): ପାରଳାଖେମୁଣ୍ଡି ସ୍ଥିତ ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟରେ ଆସନ୍ତା ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରୀୟ ପ୍ରବନ୍ଧ, ବକ୍ତୃତା, କୁଇଜ୍, ଦେଶାତ୍ମବୋଧକ ସଙ୍ଗୀତ ଓ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। ଏଥିରେ କୃତି ପ୍ରତିଯୋଗୀଙ୍କୁ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂ ଶାସିତ ମହାବିଦ୍ୟାଳୟ ଖେଳ ପଡିଆରେ ସାଧାରଣତନ୍ତ୍ର ଦିବସ ଦିନ ମୁଖ୍ୟଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯିବ। ପ୍ରତିଯୋଗିତାରେ ବିଚାରକ ଭାବରେ ସହକାରୀ ଶିକ୍ଷକ ଅମୋସ ଲିମ୍ମା, ଜଗନ୍ନାଥ ପଟ୍ଟନାୟକ, ରମାକାନ୍ତ ବରାଡ଼, ସୀମାଞ୍ଚଳ ବେହେରା, ଦେବୀ ପ୍ରସାଦ ପଟ୍ଟନାୟକ, ଶିକ୍ଷୟିତ୍ରୀ ସୁଲତା ଶୁଭଦର୍ଶିନୀ, ଅନିତା ଦାସ, ଯଶସ୍ୱିନୀ ପାଣି, ସୁମିତ୍ରା କୁମାରୀ ଜେନା ଓ ସୁଜାତା ନନ୍ଦ ଯୋଗ ଦେଇଥିଲେ। ପ୍ରତିଯୋଗିତା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ଆୟୋଜିତ ହେଇଥିବା ବେଳେ ଜିଲ୍ଲା ଶାରୀରିକ କ୍ରୀଡ଼ା ଅଧିକାରୀ ସୁରେନ୍ଦ୍ର କୁମାର ପାତ୍ର ପରିଚାଳନା କରିଥିଲେ।

## ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି

ପାରଳାଖେମଣ୍ଡି,୧୯ ।୧(ସମିସ): ଗଜପତି ଜିଲ୍ଲା ରା.ଉଦୟଗିରି ବ୍ଲକ ରାମଗିରି ପଞ୍ଚାୟତ ସମ୍ମିଳନୀ କକ୍ଷରେ ଗ୍ରାମ୍ୟମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିଲା। ଶୁଣାଣିରେ ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ, ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା, ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପୃଥ୍ୱୀରାଜ ମଣ୍ଡଳ ଓ




ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଅଂଶୁମାନ ମହାପାତ୍ର ଯୋଗ ଦେଇଥିଲେ। ଏଥିରେ ରାମଗିରି ପଞ୍ଚାୟତ ସମେତ, ତବାରସିଂ, ଅନାଘା, ସୁବଳଡ଼ା ଓ ମହେନ୍ଦ୍ରଗଡ ପଞ୍ଚାୟତର ୫୩ ଅଭିଯୋଗପତ୍ର ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ସମସ୍ୟା ୧୯ ରହିଥିବା ବେଳେ ଗ୍ରାମଭିତ୍ତିକ ସମସ୍ୟା ୩୩ ରହିଥିଲା। ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ଦୁଇ ଜଣଙ୍କୁ ୧୫ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଅନ୍ୟ ସମସ୍ତ ଅଭିଯୋଗକୁ ତୁରନ୍ତ ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଆଜିର ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣି ସମୟରେ ଆର୍. ଉଦୟଗିରି ପଞ୍ଚାୟତ ସମିତି ଅଧ୍ୟକ୍ଷ ଲକ୍ଷ୍ମୀନାରାୟଣ ଶବର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲାରୀମନ୍ ଖର୍ସେଲ, ତହସିଲଦାର ଜ୍ୟୋତିର୍ମୟ ଦାଶ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା.ମହମ୍ମଦ ମୁବାରକ ଅଲ୍ଲୀ, ସ୍ଥାନୀୟ ସମସ୍ତ ଜନପ୍ରତିନିଧିଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଓ ବ୍ଲକ୍ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

## ଲୋଇସିଂରେ କଂଗ୍ରେସର ମିଶ୍ରଣ ପର୍ବ




ଫିରିଙ୍ଗିଆ,୧୯।୧(ସମିସ): ଫିରିଙ୍ଗିଆ ବ୍ଲକ ଲୋଇସିଂରେ କଂଗ୍ରେସର ମିଶ୍ରଣ ପର୍ବ ପୂର୍ବତନ ଜିଲ୍ଲା ସଭାପତି ତଥା ବରିଷ୍ଠ କଂଗ୍ରେସ ସଂଗଠକ ଅନାମ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଶ୍ରମିକ ନେତା ତଥା ରାଷ୍ଟ୍ରୀୟ ମଜଦୂର କଂଗ୍ରେସର ଜିଲ୍ଲା ସଭାପତି ଘନ କୁମାର ଶବର, ପୂର୍ବତନ ବିଧାୟକ ଅଭିମନ୍ୟୁ ବେହେରା, ବିଧାୟିକା ପ୍ରାର୍ଥୀନୀ ତଥା କଟରିଙ୍ଗିଆ ସରପଞ୍ଚ ପ୍ରତିଭା କହଁରଙ୍କ ସହ ଜିଲ୍ଲା ଓ ଫିରିଙ୍ଗିଆ ବ୍ଲକର ବହୁ କଂଗ୍ରେସ ନେତା ଓ କର୍ମୀ ଉପସ୍ଥିତ ଥିଲେ। ଏହି ଅବସରରେ ଅଞ୍ଚଳର ଅନ୍ୟ ଦଳର ୫୫ ଆଗ ଧାଡ଼ିର କର୍ମୀ ଓ ନେତା କଂଗ୍ରେସରେ ସାମିଲ ହୋଇଥିଲେ।

## ଦାମିଙ୍ଗିଆ ସରକାରୀ ବାଳିକା ହାଇସ୍କୁଲ୍‌ର ବାର୍ଷିକୋତ୍ସବ




ଫିରିଙ୍ଗିଆ,୧୯ ।୧(ସମିସ): ଫିରିଙ୍ଗିଆ ବ୍ଲକ ଜାଜେଶପାଙ୍ଗା ପଞ୍ଚାୟତର ଦାମିଙ୍ଗିଆରେ ଥିବା ଆଦିବାସୀ ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ପର୍ଶୁରାମ କହଁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଫୁଲବାଣୀର ବରିଷ୍ଠ ସରକାରୀ ଆଇନଜୀବୀ ତଥା ବିଜେପି ନେତା ଅଜିତ କୁମାର ପଟ୍ଟନାୟକ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ବିଜେପିର ରାଜ୍ୟ ସାଧାରଣ ସମ୍ପାଦକ ଭଗବାନ ମହାନ୍ତି, ଜିଲ୍ଲା ବିଜେପି ସଭାପତି ପଣ୍ଡିତ ବିଶିମାଝି, ବରିଷ୍ଠ ଆଇନଜୀବୀ ସଞ୍ଜିତ ପାତ୍ର, ସାଂସଦ ପ୍ରତିନିଧି ଗୋଲକ ବିହାରୀ କହଁର, ସାଂସଦଙ୍କ ଶିକ୍ଷା ପ୍ରତିନିଧି କଂସଦେବ ସାହୁ, ସ୍ଥାନୀୟ ନାଏବ ସରପଞ୍ଚ ନରେଶ କହଁର, ସମିତିସଭ୍ୟ ପିଣ୍ଟିକ କହଁର, ଜାଜେଶପାଙ୍ଗା ହାଇସ୍କୁଲର ପ୍ରଧାନଶିକ୍ଷକ ସୋମେନ୍ଦ୍ର ପାଣିଗ୍ରାହୀ, ଦାମୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରମେଶ କୁମାର ସାହୁ, ନେଡିପଦର ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ପାଢ଼ୀ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ବାର୍ଷିକ ବିବରଣୀ ପାଠ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଛାତ୍ରୀମାନେ ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ଫିରିଙ୍ଗିଆ ଲ୍ୟାମ୍ପସ୍‌ରେ ଧାନମଣ୍ଡି ଉଦ୍‌ଘାଟିତ



ଫିରିଙ୍ଗିଆ,୧୯।୧(ସମିସ): ଫିରିଙ୍ଗିଆରେ ଥିବା ବୃହତ୍‌ଗାର ବହୁମୁଖୀ ସମବାୟ ସମିତି ବା ଲ୍ୟାମ୍ପ୍ସ ପରିସରରେ ଚଳିତ ବର୍ଷ ପାଇଁ ଧାନ ମଣ୍ଡି ପୂଜାର୍ଚ୍ଚନା ସହ ଅନୁଷ୍ଠାନିକ ଭାବରେ ଉଦ୍‌ଘାଟିତ ହୋଇଛି। ସମିତି ପରିଚାଳନା ନିର୍ଦ୍ଦେଶକ କିଶାନ କୁମାର ଦିଗାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଫିରିଙ୍ଗିଆ ତହସିଲଦାର ଜ୍ୟୋତିପ୍ରକାଶ ସେଠୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ ମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ସହକାରୀ କୃଷି ଅଧିକାରୀ ସୂର୍ଯ୍ୟକାନ୍ତ ବରାଳ, ଫୁଲବାଣୀ ମଣ୍ଡଳ ସମବାୟ ନିରୀକ୍ଷକ ସୁମନ୍ତ କୁମାର ବେହେରା, ଲ୍ୟାମ୍ପସ ନିର୍ଦ୍ଦେଶକ ବିରଞ୍ଚି ଦିଗାଲ, ପତିତ ପ୍ରଧାନ, ଫିରିଙ୍ଗିଆ ରାଜସ୍ୱ ନିରୀକ୍ଷକ ଶୁଭଦର୍ଶିନୀ ମହାରଣା, ଆରଏମସି କର୍ମଚାରୀ ମହେଶ୍ୱର ପ୍ରଧାନ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଉଦଘାଟନ ଉତ୍ସବରେ ଅଞ୍ଚଳର ଚାଷୀ ତ୍ରିପୁରା ବେହେରା, ଦିଲୀପ କୁମାର ବିଶୋଇ, ହେମନ୍ତ କହଁର, ପ୍ରଭାତ କୁମାର ସାହୁଙ୍କ ସହ ବହୁ ଚାଷୀ ଉପସ୍ଥିତ ଥିଲେ। ଚଳିତ ବର୍ଷ ଫିରିଙ୍ଗିଆ ସମିତିରେ ୧୦୯ ଜଣ ଚାଷୀ ପଞ୍ଜୀକରଣ କରିଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ୭୮୩ କ୍ୱିଣ୍ଟାଲ ଧାନ କିଣିବାର ଟାର୍ଗେଟ ଦିଆଯାଇଥିବା ସମିତି ପରିଚାଳନା ନିର୍ଦ୍ଦେଶକ କିଶାନ ଦିଗାଲ ସୂଚନା ଦେଇଛନ୍ତି।

## ଲୋଇସିଂ ମକର ଯାତ୍ରା ଉଦ୍‌ଯାପିତ
## ମନ ମୋହିଲା ପୌରାଣିକ ନାଟକ



ଫିରିଙ୍ଗିଆ,୧୯।୧(ସମିସ): ଫିରିଙ୍ଗିଆ ବ୍ଲକ ଲୋଇସିଂରେ ଚାଲିଥିବା ମକର ମେଳା ଉଦ୍‌ଯାପିତ ହୋଇଯାଇଛି। ଲୋଇସିଂ ଗ୍ରାମ୍ୟ ପୂଜା କମିଟି ଓ କରମଚାନ୍ଦ ଯୁବ ସାଂସ୍କୃତିକ ପରିଷଦ ଦ୍ୱାରା ବହୁବର୍ଷ ଧରି ଅନୁଷ୍ଠିତ ହୋଇ ଆସୁଥିବା ଏହି ଯାତ୍ରା ଚଳିତ ବର୍ଷ ମଧ୍ୟ ମହାସମାରୋହରେ ପାଳିତ ହୋଇଛି। ଏହି ଯାତ୍ରା ଅବସରରେ ଅଷ୍ଟ ପ୍ରହରୀ ନାମଯଜ୍ଞର ଆୟୋଜନ କରାଯାଇଥିବା ବେଳେ ଉଦଯାପନୀ ଉତ୍ସବରେ ଫୁଲବାଣୀ ଘୋଡାପଥର ଗ୍ରାମର କଳାକାରଙ୍କ ଦ୍ୱାରା ପୌରାଣିକ ନାଟକ 'ରାମାୟଣ' ମଞ୍ଚସ୍ଥ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଯୁବ କଂଗ୍ରେସ ନେତା ତଥା ରାଷ୍ଟ୍ରୀୟ ମଜଦୂର କଂଗ୍ରେସର ଜିଲ୍ଲା ସଭାପତି ଘନ କୁମାର ଶବର ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେପି ଫିରିଙ୍ଗିଆ ମଣ୍ଡଳ ସଭାପତି ଶ୍ରୀବତ୍ସ କହଁର, ନାଏବ ସରପଞ୍ଚ ଗୋବିନ୍ଦ ମଲିକ, ରଜନୀ ରଣା, ସମିତି ସଭ୍ୟ କାଳିଆ କହଁର, ଯଜ୍ଞ କମିଟି ସଭାପତି ପଞ୍ଚୁଦେବ ପ୍ରଧାନ, ବିଜେପି ଯୁବ ମୋର୍ଚ୍ଚା ସଭାପତି ବାବୁଲା କହଁର, ଲୋଇସିଂ ପଞ୍ଚାୟତ ର ସମସ୍ତ ୱାର୍ଡ ସଭ୍ୟ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ କରମଚାନ୍ଦ ଯୁବ ସାଂସ୍କୃତିକ କଳା ପରିଷଦ ସଭାପତି ଆଲୋକ କୁମାର କହଁର ପରିଚାଳନା କରିଥିବା ବେଳେ ସ୍ଥାନୀୟ ହରିହର ମନ୍ଦିର ଓ ସ୍ଥାୟୀ ଭାବରେ ଏକ କୁଞ୍ଜ ଘର ନିର୍ମାଣ ପାଇଁ ସାଂସ୍କୃତିକ କଳାପରିଷଦର ପ୍ରତିଷ୍ଠାତା ପଞ୍ଚୁଦେବ ପ୍ରଧାନଙ୍କ ସହ ସମସ୍ତ ସଦସ୍ୟ ଦାବି କରିଥିଲେ। କାର୍ଯ୍ୟକ୍ରମରେ ସାଂସ୍କୃତିକ କଳା ପରିଷଦର ଉପଦେଷ୍ଟା ଯୁଧିଷ୍ଠିର କହଁର, ଉପସଭାପତି ସାମନ୍ତ ଭୋଇ, ସମ୍ପାଦକ ହେମନ୍ତ ପଣ୍ଡା, କୋଷାଧ୍ୟକ୍ଷ ଦେବାଶିଷ ବାରିକଙ୍କ ସହ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

## ଗୋଛାପଡାରେ ବିଜେପିର ମିଶ୍ରଣ ପର୍ବ




ଫିରିଙ୍ଗିଆ,୧୯।୧(ସମିସ): କନ୍ଧମାଳ ଜିଲ୍ଲା ଫୁଲବାଣୀ ନିର୍ବାଚନମଣ୍ଡଳୀ ବିଜେପି ଫିରିଙ୍ଗିଆ ମଣ୍ଡଳର ବନ୍ଧୁମିଳନ କାର୍ଯ୍ୟକ୍ରମ ସହ ମିଶ୍ରଣ ପର୍ବ ଗୋଛାପଡ଼ା ନିକଟସ୍ଥ ଜାରୁଗଣ୍ଡାରେ ଅନୁଷ୍ଠିତ ହୋଇଥିଲା। ମଣ୍ଡଳ ଅଧୀନରେ ଥିବା ୧୨ ପଞ୍ଚାୟତର ୨୭୦ ଜଣ ବିଜେପିରେ ସାମିଲ ହୋଇଥିଲେ। ଫୁଲବାଣୀ ବିଧାୟକ ଉମାଚରଣ ମଲ୍ଲିକ ଯୋଗ ଦେଇଥିଲେ। ଜିଲ୍ଲା ସଭାପତି ପଣ୍ଡିତ ବିଶି ମାଝୀ, ରାଜ୍ୟ ସମ୍ପାଦକ ଭଗବାନ ମହାନ୍ତି, ବରିଷ୍ଠ ବିଜେପି ନେତା ଅଜିତ ପଟ୍ଟନାୟକ, ଫିରିଙ୍ଗିଆ ବ୍ଲକ ଦାୟିତ୍ୱରେ ଥିବା ସାଂସଦଙ୍କ ପ୍ରତିନିଧ ଗୋଲକ ବିହାରୀ କହଁର, ବିଧାୟକ ପ୍ରତିନିଧି ପ୍ରଶାନ୍ତ କମ୍ପ, ସାଂସଦଙ୍କ ଶିକ୍ଷବିଭାଗ ପ୍ରତିନିଧି କଂସଦେବ ସାହୁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜିତ ମଣ୍ଡଳ ଦଳର ବହୁ ବରିଷ୍ଠ କର୍ମକର୍ତ୍ତା ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଫିରିଙ୍ଗିଆ ମଣ୍ଡଳ ସଭାପତି ଶ୍ରୀବତ୍ସ କହଁରଙ୍କ ନେତୃତ୍ୱରେ ସଭା ଆୟୋଜିତ ହୋଇଥିଲା।

## ହିନ୍ଦୁ ସମ୍ମିଳନୀ ପାଇଁ ପ୍ରସ୍ତୁତି ବୈଠକ

ରାୟଗଡ,୧୯।୧(ସମିସ): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶହେ ବର୍ଷ ପୂର୍ତ୍ତି ଅବସରରେ ରାୟଗଡ଼ ଖଣ୍ଡର ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହେବ। ଏନେଇ ସୋମବାର ସ୍ଥାନୀୟ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ପର୍ଯ୍ୟାବରଣ ପ୍ରମୁଖ ପ୍ରସାଦ ଘଡାଇଙ୍କ ସଭାପତିତ୍ୱରେ ହୋଇଥିବା ବୈଠକରେ ମୁଖ୍ୟ ଅତିଥି ଭବେ ଜିଲ୍ଲା ସଂଘ ଚାଳକ ରାଧାକୃଷ୍ଣ ଜାନି ଯୋଗ ଦେଇଥିଲେ। ଚଳିତ ମାସ ୩୦ ତାରିଖରେ ହିନ୍ଦୁ ସମ୍ମିଳନୀ ସ୍ଥାନୀୟ ଜଗନ୍ନାଥ ମନ୍ଦିରରେ ଅନୁଷ୍ଠିତ ହେବ। ଏଥିରେ ଶବର ସମାଜର କେନ୍ଦ୍ର ସଭାପତି ଚନ୍ଦ୍ର ନାୟକ, ଜୟଚନ୍ଦ୍ର, ଦଳାଇ, କୁତାନ ଭୂୟାଁ, ସୁରେନ୍ଦ୍ର ଦଳାଇ, ଶିବ ଶଙ୍କର ଭୂୟାଁ, ବାବୁ ପାତ୍ର, କାଶୀ ଆଚାରୀ, ରିକି ପଟ୍ଟନାୟକ, ତ୍ରିଲୋଚନ ପାତ୍ର, ମହେଶ ପାଇକଙ୍କ ସହ ଅଞ୍ଚଳବାସୀ, ସ୍ୱୟଂସେବକ ସଂଘର ସ୍ୱୟଂସେବକ ପ୍ରମୁଖ ଉପସ୍ଥିତ ଥିଲେ।

## ଥାନା ଅଧିକାରୀଙ୍କୁ ଶୁଭେଚ୍ଛା

ରାଇକିଆ,୧୯।୧(ସମିସ): ରାଇକିଆ ପାଷ୍ଟସ୍ର୍ ଆସୋସିଏସନ କର୍ମକର୍ତ୍ତା ନୂତନ ଭାବେ ଯୋଗ ଦେଇଥିବା ରାଇକିଆ ଥାନା ଅଧିକାରୀ ଏ. ସ୍ୱର୍ଣ୍ଣଲତା ପାତ୍ରଙ୍କୁ ସାକ୍ଷାତ କରି ସ୍ୱାଗତ କରିବା ସହ ଅଭିନନ୍ଦନ ଜଣାଇଥିଲେ। ଏଥିସହ ରାଇକିଆ ଅଞ୍ଚଳର ବିଭିନ୍ନ ବିକାଶ ମୂଳକ କାର୍ଯ୍ୟ ସମ୍ବନ୍ଧରେ ଆଲୋଚନା କରିଥିଲେ। ଥାନା ଅଧିକାରୀ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ସଭାପତି ଆଚାର୍ଯ୍ୟ ଦମନିକ ଦିଗାଳ, ସମ୍ପାଦକ ଆଚାର୍ଯ୍ୟ ଜିତେନ୍ କୁମାର ନାୟକ, ସହ ସମ୍ପାଦକ ଆଚାର୍ଯ୍ୟ ପୁରେଶ ପ୍ରଧାନଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

## ସାମୂହିକ ବନ୍ଦେ ମାତରମ୍ ଗାନ କାର୍ଯ୍ୟକ୍ରମ

କାଶୀନଗର,୧୯।୧(ସମିସ): କାଶୀନଗରର ବିଜୁ କଲ୍ୟାଣ ମଣ୍ଡପରେ ବିଜ୍ଞାପିତ ପରିଷଦ ଅଞ୍ଚଳ ପକ୍ଷରୁ ୧୫୦ତମ ବାର୍ଷିକ ଅବସରରେ ସାମୂହିକ ବନ୍ଦେ ମାତରମ୍ ଗାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଶ୍ରୀରାମ ଜୁନିଅର କଲେଜ ଅଧ୍ୟକ୍ଷା ସଂଯୁକ୍ତା ପାଢ଼ୀ, ସମ୍ମାନିତ ଅତିଥି ଭାବେ ଏନ୍ଏସି ଅଧ୍ୟକ୍ଷା ଏମ. ସୁଧାରାଣୀ, ବାରାଣାସୀ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଆର୍. ଦିଲୀପ କୁମାର, ବରିଷ୍ଠ କାଉନ୍‌ସିଲର କେ. ରାମା ରାଓ, କାର୍ଯ୍ୟନିର୍ବାହୀ ଅଧିକାରୀ ଭାଗବତ ସାହୁ ଓ ଅନ୍ୟ ସମସ୍ତ କାଉନ୍‌ସିଲର ମଞ୍ଚାସୀନ ଥିଲେ। ତାଲିମ ନେଇଥିବା ଶିକ୍ଷକ ଶ୍ରୀକାନ୍ତ କରାଡ ଓ କେ. ଈଶ୍ୱର ରାଓ ବନ୍ଦେ ମାତରମ୍ ଗାନ କରିଥିଲେ।



ପୂର୍ବରୁ ହୋଇଥିବା ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା। ସ୍ଥାନୀୟ ଖବରଦାତାଙ୍କୁ ଏନ୍ଏସି କର୍ତ୍ତୃପକ୍ଷଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ସିଆରସିସି ଆର. ମଧୁ କୁମାର, ଜେ. ଲୋକୁନାଥମ ପରିଚାଳନା କରିଥିଲେ।

## ମିନି ଷ୍ଟାଡିୟମ୍‌ରେ ସାମୂହିକ ସଫେଇ

ଜି.ଉଦୟଗିରି,୧୯।୧(ସମିସ): ଶୀତ ମହୋତ୍ସବକୁ ଦୃଷ୍ଟିରେ ରଖି ଜି.ଉଦୟଗିରି ବିଜ୍ଞାପିତ ଅଞ୍ଚଳ ପରିଷଦ ୪ ନମ୍ବର ୱାର୍ଡ ସ୍ଥିତ ମିନି ଷ୍ଟାଡିୟମରେ ଏନଏସି ଆନୁକୂଲ୍ୟରେ ସାମୂହିକ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏନଏସି ଅଧ୍ୟକ୍ଷା ଦେବସ୍ମିତା ଶତପଥୀ, କାର୍ଯ୍ୟ ନିର୍ବାହୀ ଅଧିକାରୀ ଆଶୁତୋଷ ଗୌରବ କର ସହିତ ସମସ୍ତ ୱାର୍ଡ କାଉନସିଲର ସାମିଲ ହୋଇଥିଲେ। ସେମାନଙ୍କ ସହ ପରିଷଦର ସଫେଇ କର୍ମଚାରୀ ମଧ୍ୟ ଆବର୍ଜନା ସଫା କରିଥିଲେ। ଶୀତ ମହୋତ୍ସବ କମିଟି କର୍ମକର୍ତ୍ତା, ବିଭିନ୍ନ କମିଟି ସଦସ୍ୟ, ସାଧାରଣ ଜନତା ସହିତ କଳିଙ୍ଗ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଭାଗ ନେଇଥିଲେ। କାର୍ଯ୍ୟନିର୍ବାହୀ ଅଧିକାରୀ ଆଶୁତୋଷ ଗୌରବ କର ସାମୂହିକ ସହଭାଗିତାରେ ହିଁ ସ୍ୱଚ୍ଛ ଓ ସୁନ୍ଦର ସହର ଗଢ଼ି ଉଠିବ ବୋଲି କହିଥିଲେ।

## ଶୀତ ମହୋତ୍ସବ 'ତୁଷାର' ପାଇଁ ଶୁଭଖୁଣ୍ଟି ସ୍ଥାପନ



ଜି.ଉଦୟଗିରି,୧୯।୧(ସମିସ): ଜି.ଉଦୟଗିରିରେ ଫେବୃଆରୀ ୩ରୁ ୭ ତାରିଖ ପର୍ଯ୍ୟନ୍ତ ହେବାକୁଥିବା ଶୀତ ମହୋତ୍ସବ "ତୁଷାର' ପାଇଁ ଅବଗଣତି ଆରମ୍ଭ ହୋଇଛି। ମହୋତ୍ସବ ପାଇଁ ଆଜି ଶୁଭଖୁଣ୍ଟି ସ୍ଥାପନ ହୋଇଛି। ସ୍ଥାନୀୟ କଳିଙ୍ଗ ମିନି ଷ୍ଟାଡିୟମ୍ ପରିସରରେ ପାରମ୍ପରିକ ରୀତିନୀତି ଓ ଧାର୍ମିକ ନୀତି ଅନୁସାରେ ଶୁଭଖୁଣ୍ଟି ସ୍ଥାପନ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା। କୁଇ ପରମ୍ପରା ପୂଜକ ଉଦେସନ୍ ପ୍ରଧାନ ଓ ସହଯୋଗୀ ଅଭିମନ୍ୟୁ ପ୍ରଧାନଙ୍କ ଦ୍ୱାରା ପୂଜାପାଠ କରାଯାଇ ଶୁଭଖୁଣ୍ଟି ସ୍ଥାପନ କରାଯାଇଥିଲା। ଶୀତ ମହୋତ୍ସବର ଅଧ୍ୟକ୍ଷ ତଥା ଜି.ଉଦୟଗିରି ବିଡ଼ିଓ ସତ୍ୟ ନାରାୟଣ ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏନଏସି ଅଧ୍ୟକ୍ଷା ଦେବସ୍ମିତା ଶତପଥୀ, କାର୍ଯ୍ୟ ନିର୍ବାହୀ ଅଧିକାରୀ ଆଶୁତୋଷ କୌରବ କର, ବ୍ଲକ ଅଧ୍ୟକ୍ଷା ସୁଷମା ପ୍ରଧାନ ସହିତ ଶୀତ ମହୋତ୍ସବର ସଭାପତି ଜ୍ଞାନ ଚନ୍ଦ୍ର ପ୍ରଧାନ , ସାଧାରଣ ସମ୍ପାଦକ ମହମଦ ଜିଆଉଦିନ ଓ ବିଭିନ୍ନ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଶୁଭ ଖୁଣ୍ଟି ସ୍ଥାପନ ପରେ ମହୋତ୍ସବ ବ୍ୟାନର ଉନ୍ମୋଚନ କରାଯାଇଥିଲା।

## କାମୟାବି ପୂର୍ବ ସୈନିକ ସଂଘର ପ୍ରତିଷ୍ଠା ଦିବସ




ଟିକାବାଲି,୧୯।୧(ସମିସ): ଟିକାବାଲିର କାମୟାବ ପୂର୍ବ ସୈନିକ ସଂଘର ତୃତୀୟ ପ୍ରତିଷ୍ଠା ଦିବସ ପାଳିତ ସଂଘ ସଭାପତି ସୁବେଦାର ମେଜର ନବୀନ ଚନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବ ସୈନିକଙ୍କ ଦେଶପ୍ରେମ ଏବଂ ସାମାଜିକ ପ୍ରତିବଦ୍ଧତାର ଝଲକ ଦେଖିବାକୁ ମିଳିଥିଲା। ଏହି ଉତ୍ସବରେ ସୈନିକ ଦିବସ, ପ୍ରତିଷ୍ଠା ଦିବସ, ସଶସ୍ତ୍ର ବାହିନୀ ପୂର୍ବତନ ସୈନିକ ଦିବସ ପାଳନ ଏକସଙ୍ଗରେ ହୋଇଥିଲା। ଉତ୍ସବର ପ୍ରାରମ୍ଭରେ ସଭାପତି ଶ୍ରୀ ପ୍ରଧାନ ସଂଘର ପ୍ରତିଷ୍ଠା, ଆଭିମୁଖ୍ୟ ଏବଂ ଆଗାମୀ ଲକ୍ଷ୍ୟ ସମ୍ପର୍କରେ ବିବରଣୀ ଉପସ୍ଥାପନ କରିଥିଲେ। ଏହି ଅବସରରେ ଦେଶ ପାଇଁ ଅତୁଳନୀୟ ସେବା ପ୍ରଦାନ କରିଥିବା ବୀର ସୈନିକଙ୍କୁ ସମ୍ମାନିତ କରାଯାଇଥିଲା। ହନି କ୍ୟାପଟେନ ବଳରାମ ପ୍ରଧାନଙ୍କୁ ତାଙ୍କର ସାହସିକତା ପାଇଁ ଗ୍ୟାଲେଣ୍ଟ୍ରି ଆୱାର୍ଡ, ନାଏବ ସୁବେଦାର ସୁରେଶନ ପ୍ରଧାନ, ନାଏବ ସୁବେଦାର ରବୀନ୍ଦ୍ର କୁମାର ଦିଗାଳ ଓ ପୀତବାସ କହଁରଙ୍କୁ ସେମାନଙ୍କ ଦୀର୍ଘକାଳୀନ ସେବା ନିମନ୍ତେ ଲାଇଫ୍ ଟାଇମ୍ ଆଚିଭମେଣ୍ଟ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଜି.ଉଦୟଗିରି ଏସ୍‌ଡିପିଓ ବିଜୟ କୁମାର ବିଶି ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଟିକାବାଲି ବ୍ଲକ ଅଧ୍ୟକ୍ଷ ଦିଲୀପ କହଁର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଷ୍ଣୁ ଗୋବିନ୍ଦ, ଆର. ମାଝୀ ଏବଂ ବ୍ଲକର ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ପ୍ରାୟ ୧୦୮ ସେନା ପରିବାରର ୯୦୦ରୁ ଅଧିକ ସଦସ୍ୟ ଓ ସ୍ଥାନୀୟ ଜନସାଧାରଣ ଯୋଗ ଦେଇଥିଲେ। ସଂଘର ସାଧାରଣ ସମ୍ପାଦକ ସୁବେଦାର ରମେଶ ଦିଗାଳ ମଞ୍ଚ ପରିଚାଳନା କରିଥିଲେ। ଉପସଭାପତି ସୁବେଦାର ଉଦ୍ଧବ ମଲିକ, କୋଷାଧ୍ୟକ୍ଷ ହାବିଲଦାର ଭ୍ରମରବର ଦିଗାଳ ଏବଂ ସୁରେଶନ ପ୍ରଧାନ ସହଯୋଗ କରିଥିଲେ।

### କାହା ସ୍ୱାର୍ଥରେ ଗୁମ୍ମା ଡିଗ୍ରୀ କଲେଜ

## ଚଳିତ ବର୍ଷ ଶୂନ୍ୟ ନାମଲେଖା; ସ୍ଥାନାନ୍ତର ଦାବି ଜୋର୍ ଧରିଲା

ଗୁମ୍ମା,୧୯ ।୧(ସମିସ)




ଗଜପତି ଜିଲ୍ଲା ଗୁମ୍ମା ସରକାରୀ ଡ଼ିଗ୍ରୀ କଲେଜରେ ଚଳିତବର୍ଷ (୨୦୨୫-୨୬) ଶୂନ୍ୟ ନାମଲେଖା ରହିଛି। କଲେଜରେ ମୋଟ ୯୬ ସିଟ୍ ରହିଛି। କିନ୍ତୁ ୨୦୨୪-୨୫ ବର୍ଷରେ ମାତ୍ର ଜଣେ ବିଦ୍ୟାର୍ଥୀ ନାମ ଲେଖାଇ ଥିବାବେଳେ ଚଳିତବର୍ଷ ଜଣେ ମଧ୍ୟ ନାମ ଲେଖାଇ ନଥିବା ଏବେ ଚିନ୍ତାର ବିଷୟ ପାଲଟିଛି। ଗୁମ୍ମା ଅଞ୍ଚଳବାସୀଙ୍କ ଅନୁରୋଧ କ୍ରମେ ତତ୍କାଳୀନ ସରକାର ୨୦୨୪ରେ ଗୁମ୍ମାରେ ଡ଼ିଗ୍ରୀ କଲେଜ ଅନୁମୋଦନ କରିଥିଲେ। ଗ୍ରାମାଞ୍ଚଳରେ ଥିବା ଛାତ୍ରଛାତ୍ରୀ ନିଜ ଗ୍ରାମରେ ରହି ଶିକ୍ଷା ଗ୍ରହଣ କରିବା ଦ୍ୱାରା ସେମାନଙ୍କ ପରିବାର ଉପରେ ଆର୍ଥିକ ବୋଝ କମିବା ସହ ଛାତ୍ରଛାତ୍ରୀଙ୍କ ପାଇଁ ଯାତାୟତ ସମସ୍ୟା କମିବ ଏବଂ ଛାତ୍ରଛାତ୍ରୀ ନିଜ ଗ୍ରାମରେ ରହି ଶିକ୍ଷା ଗ୍ରହଣ କରିବା ଦ୍ୱାରା ସେମାନଙ୍କ ଗ୍ରାମର ବିକାଶ ହେବ ବୋଲି କୁହାଯାଇଥିଲା। କିନ୍ତୁ ଉକ୍ତ କଲେଜକୁ କିଛି କୁଚକ୍ରି ବ୍ୟକ୍ତି ନିଜ ସ୍ୱାର୍ଥ ହାସଲ ପାଇଁ ଗୁମ୍ମା ସଦର ମହକୁମା ପରିବର୍ତ୍ତେ ଅସୁରକ୍ଷିତ ଓ ନିଛାଟିଆ ବେସରକାରୀ ମାର୍କେଟ କମ୍ପ୍ଲେକ୍ସରେ ସ୍ଥାପନ କରିଥିବା ଯୋଗୁଁ କୌଣସି ବିଦ୍ୟାର୍ଥୀ ଉକ୍ତ କଲେଜରେ ନାମ ଲେଖାଇବାକୁ ଅମଙ୍ଗ ହେଉଛନ୍ତି। ଗୁମ୍ମା ସଦର ମହକୁମାକୁ ଉକ୍ତ ଡ଼ିଗ୍ରୀ କଲେଜ ସ୍ଥାନାନ୍ତର ପାଇଁ ଛାତ୍ରଛାତ୍ରୀ, ଅଭିଭାବକ ଓ ବୁଦ୍ଧିଜୀବୀ ଦାବି କରିଛନ୍ତି। ଗୋଟିଏ ଛୋଟ ଗୃହରେ କଲେଜ ଚାଲିବା କଷ୍ଟକର ଏବଂ ଉପଯୁକ୍ତ ସ୍ଥାନର ଆବଶ୍ୟକ ରହିଛି ବୋଲି ଦାୟିତ୍ୱରେ ଥିବା କଲେଜ ଅଧ୍ୟକ୍ଷା ସୁଜାତା ଗମାଙ୍ଗ କହିଛନ୍ତି।

## ● ପଞ୍ଚାୟତସ୍ତରୀୟ ଜନଶୁଣାଣି

# ଉପଜିଲ୍ଲାପାଳଙ୍କୁ ନେହୁରା ହେଲେ ୩ ଠିକାଦାର




**ଜଗନ୍ନାଥପ୍ରସାଦ,୧୯ ।୧(ସମିସ):** ଜଗନ୍ନାଥପୁର ବ୍ଲକ ବିଡ଼ିପୁର ପଞ୍ଚାୟତରେ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏଥିରେ ଭଞ୍ଜନଗର ଉପଜିଲ୍ଲାପାଳ ଉମାଶଙ୍କର ବେହେରା, ବିଡ଼ିଓ ମନ୍ମଥନାଥ ମଲ୍ଲିକ, ତହସିଲଦାର ଅଶୋକ କୁମାର ମୁଦୁଲି, ଗୋଷ୍ଠୀ ଶିକ୍ଷା ଅଧିକାରୀ କଲ୍ୟାଣୀ ପାଢ଼ୀ, ସିଡିପିଓ ଗୀତାଞ୍ଜଳି ପାଣିଗ୍ରାହୀଙ୍କ ସମେତ ସମସ୍ତ ଲାଇନ ଡିପାର୍ଟମେଣ୍ଟର ଅଧିକାରୀ ଓ ବ୍ଲକ ଉପାଧ୍ୟକ୍ଷ ନୀଳାଞ୍ଚଳ ଖିଲାର ଯୋଗଦେଇଥିଲେ । ବିଡ଼ିପୁର ଗ୍ରାମର ମହେଶ ପ୍ରସାଦ ରଥ, ମଧୁସୂଦନ କର ଓ ଜିତେନ୍ଦ୍ର ରଥ ଏକ ଅଭିଯୋଗ ଫର୍ଦ୍ଦ ନେଇ ଉପଜିଲ୍ଲାପାଳଙ୍କୁ ଫେରାଦ ହୋଇଥିଲେ । ସେମାନଙ୍କ ଅଭିଯୋଗ ଯେ ସେମାନେ ହେଉଛନ୍ତି ଠିକାଦାର । ସେମାନେ ପ୍ରାୟ ବର୍ଷକ ତଳୁ ବିଭିନ୍ନ କାମ କରିଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ବିଲ୍ ପୈଠ କରାଯାଉନି । ଏନେଇ ଉପଜିଲ୍ଲାପାଳ ଶ୍ରୀ ବେହେରା ଆଶ୍ଚର୍ଯ୍ୟ ହେବା ସହ ବିଡ଼ିଓଙ୍କ ସହିତ ଆଲୋଚନା କରି ସେ ନିଜେ ସାତ ଦିନ ଭିତରେ ଘଟଣାର ତଦାରଖ କରି ନିଶ୍ଚିତ ଭାବେ ବକେୟା ବିଲ୍ ପୈଠ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ତେବେ ଏଠାରେ ପ୍ରଶ୍ନ ଉଠୁଛି ପୂର୍ବରୁ ଏମାନେ ଅନେକ ଅଭିଯୋଗ କରିଥିଲେ ବି କାହିଁକି ପ୍ରଶାସନ ନିରବ ରହିଥିଲେ । ଏମାନଙ୍କ ଉପରେ କିଛି ଅଦୃଶ୍ୟ ଚାପ ରହିଛି ନା ଅନ୍ୟ କିଛି କାରଣ ଯୋଗୁଁ ବିଲ୍ କରାଯାଉନି । ଏନେଇ ପଞ୍ଚାୟର ନିର୍ବାହୀ ଅଧିକାରୀ ତୁଷାର କାନ୍ତ ଯାନୀଙ୍କୁ ପଚାରିବାରୁ କାମ ସମ୍ପୂର୍ଣ୍ଣ ହୋଇସାରିଛି ବ୍ଲକ ପ୍ରଶାସନ ବିଲ୍ ପୈଠ ନକରିବା ଦୁର୍ଭାଗ୍ୟପୂର୍ଣ୍ଣ ଘଟଣା ବୋଲି କହିଛନ୍ତି ।

**କୋଦଳା:** ବେଗୁନିଆପଡ଼ା ବ୍ଲକର ବଡ଼ ଖଇରଖମା ପଞ୍ଚାୟତ କାର୍ଯ୍ୟାଳୟରେ ଅଭିଯୋଗ ଶୁଣାଣି ହୋଇଯାଇଛି । ବେଗୁନିଆପଡ଼ା ବିଡିଓ ଦିବ୍ୟ ରଞ୍ଜନ ବିଶ୍ୱାଳ ଯୋଗ ଦେଇ ଲୋକଙ୍କ ଅଭିଯୋଗ ଶୁଣିଥିଲେ । ଏବିଡ଼ିଓ ନିରଞ୍ଜନ ବେହେରା,



ବଡ଼ ଖଇରଖମା ପଞ୍ଚାୟତ ସରପଞ୍ଚ କାଶୀନାଥ ବେହେରା, ନାଏବ ସରପଞ୍ଚ ପ୍ରମୁଖ ମଞ୍ଚାସିନ ଥିଲେ । କୃଷି, ଶିକ୍ଷା, ପାନୀୟଜଳ ଯୋଗାଣ ବିଭାଗ ସମେତ ଅନ୍ୟାନ୍ୟ ବିଭାଗର ଅଧିକାରୀ ମାନେ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଗ୍ରହଣ କରିଥିଲେ । ଏଥିରେ ମୋଟ ୧୨ଟି ଅଭିଯୋଗ ଆସିଥିଲା । ସମସ୍ତ ଅଭିଯୋଗକୁ ଗ୍ରହଣ କରି ନିର୍ଦ୍ଦିଷ୍ଟ ବିଭାଗର ଅଧିକାରୀ ମାନଙ୍କୁ ସମାଧାନ ନିମନ୍ତେ ସୁପାରିସ କରିଥିଲେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ।

**କୁକୁଡ଼ାଖଣ୍ଡି:** କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ରୋହିଗାଁ ପଞ୍ଚାୟତରେ ଅଭିଯୋଗ ଶୁଣାଣି ହୋଇଯାଇଛି । କୁକୁଡ଼ାଖଣ୍ଡି ବିଡିଓ ଡା. ପଲ୍ଲବୀ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ତହସିଲଦାର ରାଜକିଶୋର ପଟ୍ଟନାୟକ, ଏବିଡିଓ ସୁପ୍ରଭା ସାହୁ, ବିଇଓ ସନ୍ତୋଷ କୁମାର ମହାପାତ୍ର, ଏଇ ଅନୁରାଗ ରଥ, ସରପଞ୍ଚ ବଶିଷ୍ଟ ଜେନା, ସମିତି ସଭ୍ୟ ଲକ୍ଷ୍ମୀ ସ୍ୱାଇଁଙ୍କ ସମେତ ଅନ୍ୟାନ୍ୟ ବ୍ଲକ ପ୍ରଶାସନିକ ଅଧିକାରୀ ଉପସ୍ଥିତି ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ । ମୁଖ୍ୟ ସମସ୍ୟା ରାସ୍ତାର ଉନ୍ନତିକରଣ, ଷ୍ଟ୍ରିଟ୍ ଲାଇଟ୍ ବ୍ୟବସ୍ଥା, ପାନୀୟଜଳ ଯୋଗାଣ, ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରର ବିକାଶ, ପ୍ରାଥମିକ ଶିକ୍ଷାର ବିକାଶ, ପୋଖରୀ ପୁନରୁଦ୍ଧାର, ରାସନ କାର୍ଡର ସଂଶୋଧନ, ଆବାସ ଯୋଜନା ନୂତନ ତାଲିକା ପ୍ରସ୍ତୁତ, ସୁଭଦ୍ରା ଯୋଜନା ଭଳି ବିଭିନ୍ନ ସମସ୍ୟା ଉପରେ ଲୋକମାନଙ୍କ ସହ ଆଲୋଚନା ହୋଇଥିଲା । ବିଶେଷ କରି ଧାନ ମଣ୍ଡିରେ ଦେଖାଦେଇଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ତହସିଲଦାର ଓ ବିଡିଓ ପ୍ରତିକ୍ରିୟା ପ୍ରକାଶ କରିବା ସହ ମିଲର ଓ ଚାଷୀଙ୍କ ସହଯୋଗରେ ଧାନ କିଣାବିକା ଯେପରି ସୁରୁଖୁରୁରେ ହୋଇପାରିବ ସେନେଇ କହିଥିଲେ ।

## ପାଣ୍ଡିରିପଡ଼ାରେ ଅଭିଯୋଗ ଶୁଣାଣି

**ପୋଲସରା,୧୯ ।୧(ସମିସ):** ପୋଲସରା ବ୍ଲକ ପାଣ୍ଡିରିପଡ଼ା ପଞ୍ଚାୟତରେ ଜନଶୁଣାଣୀ କାର୍ଯ୍ୟକ୍ରମ ବିଡ଼ିଓ ଶଶିଭୂଷଣ ମହାପାତ୍ରଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୋଟ ୩୫ ଜଣ ଅଭିଯୋଗ ହୋଇଥିଲା । ତହସିଲଦାର ଦିପ୍ତିମୟୀ ପାତ୍ର, ଏବିଡ଼ିଓ ସୋନମ ବେହେରା, ପୋଲସରା ଥାନାଧିକାରୀ କୌଶିକ ମାଝୀ, ସରପଞ୍ଚ ରଘୁନାଥ ଭୂୟାଁ, କାର୍ଯ୍ୟନିର୍ବାହୀ ଅଧିକାରୀ କିଶୋର ଚନ୍ଦ୍ର ସାହୁଙ୍କ ସମେତ ବ୍ଲକର ସମସ୍ତ ଅଧିକାରୀ, ସମସ୍ତ ଲାଇନ ଡିପାର୍ଟମେଣ୍ଟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି




**ଖଲ୍ଲିକୋଟ,୧୯ ।୧(ସମିସ):** ସ୍ଥାନୀୟ ମର୍ଦ୍ଦରାଜ କଲ୍ୟାଣ ମଣ୍ଡପ ଠାରେ ଆଜି ଗଞ୍ଜାମ ଜିଲ୍ଲା ପାଳ ଭି.କୀର୍ତ୍ତି ଭାସନ ଓ ଗଞ୍ଜାମ ଆରକ୍ଷୀ ଅଧିକ୍ଷକ ଶୁଭେନ୍ଦୁ ପାତ୍ର ଯୁଗ୍ମ ଅଭିଯୋଗ ଶୁଣାଣି କରିଥିଲେ । ଏହି ଶିବିର ରେ ମୋଟ ୩୪୨ଟି ଅଭିଯୋଗ ଆସିଥିଲା । ଗୋଶାଳା ନିର୍ମାଣ ସକାଶେ ଏସ କେ ଏସପୁର ସରପଞ୍ଚ ରୁବିଲତା ସାହୁଙ୍କ ନେତୃତ୍ୱରେ ଅଞ୍ଚଳ ଯୁବକ ମାନେ ଜିଲ୍ଲାପାଳଙ୍କୁ ଜଣାଇଥିଲେ । କଞ୍ଚଣା ଅଞ୍ଚଳରେ ଜୁଆ ଆ‡ା ଚାଲିଥିବା ନେଇ ଜଣେ ଯୁବକ ଏସପିଙ୍କ ଦୃଷ୍ଟି ଗୋଚର କରିଥିଲେ । କାର୍ଯ୍ୟକ୍ରମରେ ଉପ ଜିଲ୍ଲାପାଳ ଶିବାଶିଷ ବରାଳ ଉପସ୍ଥିତ ଥିଲେ । ଜିଲ୍ଲା ଭେଟନାରୀ ଡ଼.ଅର୍ଜ୍ଜୁନ ଦାଶ ଏବଂ ଡେପୁଟି କଲେକ୍ଟର ସୁନୀଲ ସାଇ ଦେବାଶିଷ ଙ୍କ ସମେତ ସମସ୍ତ ଲାଇନ ବିଭାଗ ର ଅଧିକାରୀ ମାନେ ଉପସ୍ଥିତ ଥିଲେ । ଖଲ୍ଲିକୋଟ ବି ଡି ଓ ଦେବାଶିଷ ସାମଲ , ଆଇ ଆଇ ସି ରମେଶ ଚନ୍ଦ୍ର ପ୍ରଧାନ, ତହସିଲଦାର ଡି.ମାଲେଶ୍ୱର ପାତ୍ର ପମୁଖ ଶିବିରକୁ ପରିଚାଳନା କରିଥିଲେ । ଛତ୍ରପୁର ଠାରେ ଖଲ୍ଲିକୋଟ ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ପ୍ରତିମୂର୍ତ୍ତି ନିର୍ମାଣ ପାଇଁ ଡକ୍ଟର ଏପିଜେ ଅବଦୁଲ କାଲାମ ଜନକଲ୍ୟାଣ ଟ୍ରଷ୍ଟ ସଭାପତି ପୂର୍ଣ୍ଣ ଚନ୍ଦ୍ର ବେହେରା ଓ ସମ୍ପାଦକ ପଞ୍ଚାନନ ସୁର ଜିଲ୍ଲାପାଳଙ୍କୁ ଅନୁରୋଧ କରିଛନ୍ତି ।

---

## ଲିଙ୍ଗ ପରିବର୍ତ୍ତନ କରିବା ପରେ ପ୍ରତାରଣା

# ନ୍ୟାୟ ପାଇଁ ଥାନା ଘେରିଲେ କିନ୍ନର ଗୋଷ୍ଠୀ

କବିସୂର୍ଯ୍ୟନଗର,୧୯ ।୧(ସମିସ)



କବିସୂର୍ଯ୍ୟନଗର ଥାନା ପରିସରରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । କବିସୂର୍ଯ୍ୟନଗର ଥାନା ବାଲିଛାଇ ଗ୍ରାମର ଭୋଲାଶଙ୍କର ଗୌଡ଼ କବିସୂର୍ଯ୍ୟନଗର ଥାନା କେରୁଆପଲ୍ଲୀ ଗ୍ରାମର ଜ୍ୟୋତି କିନ୍ନରଙ୍କୁ ଭଲ ପାଇ ବସିଥିଲେ । ପ୍ରଥମେ ମେସେଜ ପରେ ଫୋନ କଲ ତା' ପରେ ମିଳାମିଶା ଓ ଶାରୀରିକ ସମ୍ପର୍କ ରଖିଥିଲେ । ସେଥିରେ ନ ମନ ନ ବୁଝିବାରୁ ଗତ ମାର୍ଚ୍ଚରେ କିନ୍ନରଙ୍କୁ ଅପେରସନ କରି ଲିଙ୍ଗ ପରିବର୍ତ୍ତନ କରାଇଥିଲେ । ସେହିପରି ପୂର୍ବରୁ ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଓ ଗାଡି ଆଦି ଭୋଳାର ପରିବାର ନେଇଥିବା କିନ୍ନର ଥାନାରେ ଅଭିଯୋଗ କରିଛନ୍ତି । ବର୍ତ୍ତମାନ ଭୋଳା ଜ୍ୟୋତି କିନ୍ନରକୁ ଧାରଛୁଆଁ ଦେଉନି । ଅପରପକ୍ଷେ ଲିଙ୍ଗ ପରିବର୍ତ୍ତନକୁ କେନ୍ଦ୍ରକରି କିନ୍ନରଙ୍କ ସ୍ୱାସ୍ଥ୍ୟବସ୍ଥା ଭଲ ନ ରହିବାରୁ ପୁଣି ମେଡିକାଲରେ ଚିକିତ୍ସିତ ହେଉଛନ୍ତି । ଏନେଇ ବାଲିଛାଇ ଫାଣ୍ଡିରେ ତିନି ଥର ଓ କବିସୂର୍ଯ୍ୟନଗର ଥାନାରେ ଅଭିଯୋଗ ହୋଇଥିଲା । ତେବେ କବିସୂର୍ଯ୍ୟନଗର ଥାନାରେ ଏକ ପ୍ରକାର ମିଳିମିଶା ହୋଇଥିଲା । ପୁଣି ସ୍ୱାମୀ ଏବେ ଧରାଛୁଆଁ ଦେଉ ନଥିବା ଅଭିଯୋଗ ହେଉଛି । ତେବେ ସେଠାରୁ ନିରାଶ ହେବାରୁ କିନ୍ନର ସଂଘ ଥାନା ଘେରାଉ କରିଥିଲେ ।

---

# କ.ନୂଆଗାଁ ବ୍ଲକରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି



**ବାଲିଗୁଡ଼ା,୧୯।୧(ସମିସ):** କ.ନୂଆଗାଁ ବ୍ଲକ ସଭାଗୃହରେ ଆଜି ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା । ଏଥିରେ କନ୍ଧମାଳ ଜିଲ୍ଲାପାଳ ବେଦ ଭୂଷଣ ଉପସ୍ଥିତି ରହି ୬୯ ଅଭିଯୋଗ ଗ୍ରହଣ କରି ସମାଧାନ ପାଇଁ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଶିବିରରେ ୫୩ ବ୍ୟକ୍ତିଗତ ଓ ୧୬ଗୋଷ୍ଠୀଗତ ସମସ୍ୟା ସମ୍ବଳିତ ଅଭିଯୋଗ ଆସିଥିଲା । ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ପୁଲିସ ଆରକ୍ଷୀ ଅଧିକ୍ଷକ ହରିଶ୍ ବିଶି, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶମ୍ଭୁନାଥ ନନ୍ଦୀ, ବାଲିଗୁଡ଼ା ଉପଜିଲ୍ଲାପାଳ ପ୍ରଣୀତା ଦାଶ, ବାଲିଗୁଡ଼ା ଆଇଟିଡିଏ ପିଏ କୃପାସିନ୍ଧୁ ବେହେରା, ସିଡିଏମଓ ଡା. ସନ୍ତୋଷ କୁମାର ପାଢ଼ୀଙ୍କ ସମେତ ଜିଲ୍ଲା ଓ ଉପଖଣ୍ଡ ସ୍ତରୀୟ ସମସ୍ତ ବିଭାଗର ଅଧିକାରୀ ଯୋଗ ଦେଇ ସହଯୋଗ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ବିଡ଼ିଓ ଶୁଭ୍ରାଞ୍ଜଳି ପ୍ରଧାନ, ସହକାରୀ ନିର୍ବାହୀଯନ୍ତ୍ରୀ ଇଂ.ଶୋଭମ ମହାପାତ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ଼ା. ପ୍ରିୟବ୍ରତ ପାଣିଗ୍ରାହୀ, ମୃତ୍ତିକା ସଂରକ୍ଷଣ ଅଧିକାରୀ ରବି ନାରାୟଣ ଭୂୟାଁ, ମଙ୍ଗଳ ସଂପ୍ରସାରଣ ଅଧିକାରୀ ବୁରୁମାଝୀ ପତ୍ରା, ସହକାରୀ ଉଦ୍ୟାନ କୃଷି ଅଧିକାରୀ ବିଭୁଦତ୍ତ ବିଶ୍ୱାଳ, ବନାଞ୍ଚଳ ଅଧିକାରୀ ରମାକାନ୍ତ କହଁର, ବନପାଳ ସୁଶାନ୍ତ କୁମାର ବୈଶାଖୀ, ଜିପିଇଓ ସ୍ମୃତି ସାଗର ପ୍ରଧାନ, ସିଡ଼ିପିଓ ସୋନିଆ ହେମ୍ବ୍ରମ, ପିଇଓ ଅନିଲ କୁମାର ପଟ୍ଟନାୟକ, ସିପି ରାକେଶ କୁମାର ସାହୁଙ୍କ ସମେତ ଜିଲ୍ଲା ଓ ବ୍ଲକର ସମସ୍ତ ପଦାଧିକାରୀ ଯୋଗ ଦେଇଥିଲେ ।

## ମହିଳାଙ୍କୁ ଦୁଷ୍କର୍ମ; ଜଣେ ଗିରଫ

**ରଙ୍ଗେଇଲୁଣ୍ଡା,୧୯ ।୧(ସମିସ):** ଗୋଳନ୍ଥରା ଥାନା ଅଧିନସ୍ଥ ଏକ ଗ୍ରାମରେ ବିଧବାଙ୍କୁ ଦୁଷ୍କର୍ମ ମାମଲାରେ ଜଣେ ଅବସରପ୍ରାପ୍ତ ସେନା କର୍ମଚାରୀଙ୍କୁ ପୁଲିସ ଗିରଫ କରିଛି । ଅଭିଯୁକ୍ତ ଜଣକ ହେଲେ ଆପା ରାଓ (୬୩) । ପୁଲିସ ରବିବାର ମାମଲା ରୁଜୁ କରିବା ପରେ ଆପା ରାଓ ଚମ୍ପଟ ମାରିଥିଲେ । ରମ୍ଭା ଥାନା ଅଧିନସ୍ଥ ପ୍ରାୟଗୀ ଗ୍ରାମରେ ଥିବା ଖବର ପାଇଁ ରବିବାର ବିଳମ୍ବିତ ରାତିରେ ପୁଲିସ ଉଠେଇ ନେଇଥିଲା । ସୋମବାର ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଅନ୍ୟପଟେ ପୀଡ଼ିତାଙ୍କ ବିଏନଏସଏସ ୧୮୩ ଧାରା ଅନୁସାରେ ବୟାନ ରେକର୍ଡ କରାଯଇଛି ।

## ୨ ପଥଚାରୀଙ୍କୁ ପଛରୁ ଧକ୍କା ଦେଲା ବାଇକ୍; ୫ ଗୁରୁତର

**ଦାରିଙ୍ଗବାଡି,୧୯।୧(ସମିସ):** ଦାରିଙ୍ଗବାଡ଼ି ଥାନା ଅନ୍ତର୍ଗତ ଦାସିଙ୍ଗବାଡ଼ି ଗ୍ରାମର ମଝିସାହି ଛକ ନିକଟରେ ତିନି ବାଇକ ଆରୋହୀ ବାଟରେ ଚାଲି ଯାଉଥିବା ଦୁଇ ଲୋକଙ୍କୁ ଧକ୍କା ଦେଇଥିଲା । ଏଥିରେ ୫ ଜଣ ଗୁରୁତର ଆହତ ହୋଇଛନ୍ତି । ସ୍ଥାନୀୟ ଲୋକଙ୍କ ସହାୟତାରେ ସମସ୍ତଙ୍କୁ ପ୍ରଥମେ ଦାରିଙ୍ଗବାଡି ଗୋଷ୍ଠରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି । ସୂଚନା ପ୍ରକାରେ ଦାସିଙ୍ଗବାଡି ଗ୍ରାମର ତିନି ଜଣ ଯୁବକ ଏକ ବାଇକରେ ଦାରିଙ୍ଗବାଡିରୁ ନିଜ ଗ୍ରାମ ଦାସିଙ୍ଗବାଡ଼ିକୁ ଯାଉଥିଲେ । କୌଣସି କାରଣରୁ ଚାଳକ ନିୟନ୍ତ୍ରଣ ହରାଇବାରୁ ବାଟରେ ଚାଲିଯାଉଥିବା ଦାସିଙ୍ଗବାଡି ନିକଟସ୍ଥ କାଣ୍ଡପା ଗ୍ରାମର ଆଇପ ପ୍ରଧାନ (୬୦ )ଓ ଝିକରାୟ ପ୍ରଧାନ( ୫୭ )ଙ୍କୁ ଧକ୍କା ଦେଇଥିଲେ । ଏଥିରେ ୫ ଜଣଯାକ ଗୁରୁତର ଆହତ ହୋଇଥିଲେ ।

---

## କଂଗ୍ରେସ୍‌ର ଜନସମ୍ପର୍କ ପଦଯାତ୍ରା ଆରମ୍ଭ

**କୁକୁଡ଼ାଖଣ୍ଡି,୧୯ ।୧(ସମିସ):** କୁକୁଡ଼ାଖଣ୍ଡି ବ୍ଲକ୍‌ରେ କଂଗ୍ରେସ୍ ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇଛି । ଏହି ଅବସରରେ ପ୍ରଦେଶ କଂଗ୍ରେସ୍ ସହ ପ୍ରଭାରୀ ଜେଟୀ କୁସୁମା କୁମାର୍‌ଙ୍କ ଉପସ୍ଥିତିରେ ଏକ କର୍ମୀ ସମ୍ମିଳନୀ ଆୟୋଜିତ ହୋଇଥିଲା । ଏହି ସମ୍ମିଳନୀ ଓ ପଦଯାତ୍ରା ରତ୍ନପୁର ଛକରୁ ଆରମ୍ଭ ହୋଇ କୁକୁଡ଼ାଖଣ୍ଡି ପର୍ଯ୍ୟନ୍ତ ଗତି କରିଥିଲା ଏବଂ ଶେଷରେ କୁକୁଡ଼ାଖଣ୍ଡି ବ୍ଲକ୍ କାର୍ଯ୍ୟାଳୟ ଠାରେ ସମାପ୍ତ ହୋଇଥିଲା । ପଦଯାତ୍ରାରେ



ପ୍ରଦେଶ କଂଗ୍ରେସ କମିଟି ସମ୍ପାଦକ ସାକା ସୁଜିତ କୁମାର, ବରିଷ୍ଠ କଂଗ୍ରେସ କର୍ମୀ ପ୍ରକାଶ ଚନ୍ଦ୍ର ଗୌଡ଼, ଗଞ୍ଜାମ ଜିଲ୍ଲା ଛାତ୍ର କଂଗ୍ରେସ ଆବାହକ ଶ୍ରୀ ଖଟୁଆଙ୍କ ସମେତ କର୍ମୀମାନେ ଯୋଗଦେଇଥିଲେ । କୁସୁମା କୁମାରଜୀ କହିଥିଲେ ଯେ, କଂଗ୍ରେସ୍ ସଦା ସର୍ବଦା ସାଧାରଣ ଲୋକଙ୍କ ସ୍ୱାର୍ଥକୁ ପ୍ରାଥମିକତା ଦେଇ କାମ କରୁଛି ଏବଂ ଆଗାମୀ ଦିନରେ ଦଳକୁ ଗ୍ରାମସ୍ତରରେ ଆହୁରି ମଜବୁତ କରାଯିବ । ଏହି କାର୍ଯ୍ୟକ୍ରମରେ ବ୍ଲକ୍‌ସ୍ତରୀୟ କଂଗ୍ରେସ୍ ନେତୃତ୍ୱ, କର୍ମୀ ଓ ବହୁ ସଂଖ୍ୟାରେ ସମର୍ଥକ ଉପସ୍ଥିତ ଥିଲେ ।

---

## ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ

**ଆସିକା,୧୯ ।୧(ସମିସ):** ଆସିକା ପୌର ପରିଷଦ ପକ୍ଷରୁ ସୋମବାର ଭାରତୀୟ ରାଷ୍ଟ୍ରୀୟ ଗୀତ ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ଅବସରରେ ବିଦ୍ୟାର୍ଥୀ ମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ବିବେକାନନ୍ଦଙ୍କ ଜୟନ୍ତୀ ଅବସରରେ ଆସିକାର ପିଲା ମାନଙ୍କୁ ନେଇ କବିତା, ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ପୌର ପରିଷଦ ଅଧ୍ୟକ୍ଷା ବିନେତା ସ୍ୱାଇଁ, କାର୍ଯ୍ୟନିବାହୀ ଅଧିକାରୀ ରାଜେଶ କୁମାର ମହାପାତ୍ର, ଉପାଧ୍ୟକ୍ଷ ଜୟନ୍ତୀ ବିଷୋୟୀ, ସିଇଓ ମାନସୀ ରାଣୀ ସାହୁ ଯୋଗ ଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ ।

## ଭାଗବତ ପ୍ରବଚନ କାର୍ଯ୍ୟକ୍ରମ

**ଧରାକୋଟ,୧୯ ।୧(ସମିସ):** ଧରାକୋଟ ବ୍ଲକର ବରଡ଼ାବିଲି ଗ୍ରାମରେ ଦୀର୍ଘ ଏକ ସପ୍ତାହ ବ୍ୟାପୀ ଚାଲିଥିବା ଭାଗବତ ପ୍ରବଚନ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି । ସାମ୍ବାଦିକ ବଳରାମ ସାହୁଙ୍କ ମା' ସ୍ୱର୍ଗତ ପ୍ରମିଳା କୁମାରୀ ସାହୁଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ଚାଲିଥିବା ଏହି କାର୍ଯ୍ୟକ୍ରମରେ ପୂଜ୍ୟପାଦ ତ୍ରିଦଣ୍ଡି ସ୍ୱାମୀ ଭକ୍ତ ବିବୁଧ ନାରାୟଣ ମହାରାଜଙ୍କ ଦ୍ୱାରା ଦିଆଯାଇଥିବା ପ୍ରବଚନରେ କଳିଯୁଗର ମାନବ ସମର୍ପଣ ମନୋଭାବ ପୋଷଣ କରିବା, ହରିନାମ ସଂକୀର୍ତ୍ତନ ଓ ଜପ ଦ୍ୱାରା ହିଁ ମୋକ୍ଷ ପ୍ରାପ୍ତି ସମ୍ଭବ ବୋଲି ଉଲ୍ଲେଖ କରିଥିଲେ ।

## କସବସାରେ ନୂତନ ବିଶପ୍‌ଙ୍କୁ ସମ୍ବର୍ଦ୍ଧନା

**ବ୍ରାହ୍ମଣୀଗାଁ,୧୯।୧(ସମିସ):** ଦାରିଙ୍ଗବାଡ଼ି ବ୍ଲକ ହାତୀମୁଣ୍ଡା ପଞ୍ଚାୟତ କସବସା ଗ୍ରାମରେ ଖ୍ରୀଷ୍ଟୀୟ ଧର୍ମାବଲମ୍ବୀଙ୍କ ଧନ୍ୟବାଦ୍ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଗତ ୧୭ ତାରିଖରେ ଦାରିଙ୍ଗବାଡ଼ିରେ ରେଭ ଡ. ରବୀନ୍ଦ୍ର କୁମାର ରଣସିଂଙ୍କ ବିଶପ ଅଭିଷେକ ହୋଇଥିଲା । ତାଙ୍କୁ ଆଜି ମରାମାହା ଛକ ଠାରୁ ବାଇକ୍ ଶୋଭାଯାତ୍ରାରେ କସବସା ଅଣାଯାଇଥିଲା । ସେଠାରେ ଧନ୍ୟବାଦ ଯଜ୍ଞ ହୋଇଥିଲା । ଏହାକୁ ରେଭ ଅଶ୍ୱିନୀ ପରିଚାଳନା କରିଥିବା ସ୍ଥଳେ ବିଶପ ଶରତ ନାୟକ ପୌରହିତ୍ୟ କରିଥିଲେ । ୧୦୦ ଯାଜକ ଓ ସେବା ଭଗ୍ନୀ ଓ ୩୦୦୦ ଖ୍ରୀଷ୍ଟ ବିଶ୍ୱାସୀ ଯୋଗ ଦେଇଥିଲେ । ବ୍ରାହ୍ମଣୀଗାଁ ମଣ୍ଡଳୀର ଯାଜକ ବିମଳ ନାୟକ ତଥା ଗାଁ କମିଟି ସହାୟତା କରିଥିଲେ । ବିଶପ ରବୀନ୍ଦ୍ର ଧନ୍ୟବାଦ ଦେଇଥିଲେ ।

## ପଞ୍ଚାୟତସ୍ତରୀୟ ଜନଶୁଣାଣି କାର୍ଯ୍ୟକ୍ରମ

**ଧରାକୋଟ,୧୯ ।୧(ସମିସ):** ଧରାକୋଟ ବ୍ଲକର ଢ଼ଉଗାଁ ପଞ୍ଚାୟତରେ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଡିଓ ସଂଗ୍ରାମ କେଶରୀ ଜେନା, ତହସିଲଦାର ଲମ୍ବୋଦର ମାରାଣ୍ଡି, ଏବିଡ଼ିଓ ସୁଶୀଲ ପଟ୍ଟନାୟକ, ଅତିରିକ୍ତ ଥାନା ଅଧିକାରୀ ଅଞ୍ଜଳି ବେହେରା, ସିଡିପିଓ ସୁନୀଲ ପ୍ରଭା ରଥ, ସରପଞ୍ଚ ମନୁ ପାତ୍ର, ସମବାୟ ସମିତି ସଭାପତି ସଞ୍ଜୟ ପାତ୍ର, ଭିଏଏସ ଡାକ୍ତର ମାନସ ରଞ୍ଜନ ପଲେଇ, ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରମୋଦ କୁମାର ପାଣିଗ୍ରାହୀ, କନିଷ୍ଠ ଯନ୍ତ୍ରୀ ପ୍ରେମ ରଞ୍ଜନ ମହାପାତ୍ର, ବିଏସଏସଓ ସଚିନ ପାତ୍ର, କଲ୍ୟାଣ ଅଧିକାରୀ ଅନନ୍ୟା ପଣ୍ଡା, ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀ ରାକେଶ ମାଝୀ, ମୃତ୍ତିକା ସଂରକ୍ଷଣ ଅଧିକାରୀ ବିରୁପାକ୍ଷ ପଟନାୟକ, ଜିପିଇଓ ଦେବରାଜ ନାୟକ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ସହକାରୀ ଯନ୍ତ୍ରୀ ଚିନ୍ମୟୀ ରାଉତ, ଯୋଗାଣ ନୀରିକ୍ଷକ ବାଳକୃଷ୍ଣ ନାୟକ, ରାଜସ୍ୱ ନିରୀକ୍ଷକ ଲୋଚନ ମଲିକ, ବ୍ଲକ କୃଷି ଅଧିକାରୀ ବିଶ୍ୱନାଥ ବେହେରା, ସହ କୃଷି ଅଧିକାରୀ ଅନିଲ କୁମାର ବେହେରା, ପଞ୍ଚାୟତ ନିର୍ବାହୀ ଅଧିକାରୀ କାଳୁ ଚରଣ ସ୍ୱାଇଁ, ଏଡିଇଓ ସଞ୍ଜୟ ପଲେଇ, ମନରେଗା ବିଭାଗର ଅମେସ ବେହେରା, ଦୀପକ ପଟ୍ଟନାୟକ, ସଞ୍ଜୀବ ରାଉଳ, ଯୋଗାଣ ସହାୟକ ମଳୟ ପାତ୍ରଙ୍କ ସମେତ ସମସ୍ତ ଲାଇନ୍ ଅଧିକାରୀମାନେ ଉପସ୍ଥିତ ଥିଲେ । ମୋଟ ୩୯ ଜଣ ଅଭିଯୋଗ ଦାଖଲ ହୋଇଥିଲା ।

---

# ରାସ୍ତା ଅବ୍ୟବସ୍ଥାକୁ ନେଇ ଅନଶନ

**ଭଞ୍ଜନଗର,୧୯ ।୧(ସମିସ):** ଭଞ୍ଜନଗର ବ୍ଲକ ଲାଲସିଙ୍ଗି ପଞ୍ଚାୟତ ଅନ୍ତର୍ଗତ ଛେଦାଭୂମି ରାସ୍ତା ମରାମତି ଦାବିରେ ସୋମବାର ଠାରୁ ଆମରଣ ଅନଶନକୁ ଓହ୍ଲାଇଛନ୍ତି ସ୍ଥାନୀୟ ବାସିନ୍ଦା ତଥା ଅବସରପ୍ରାପ୍ତ ଶିକ୍ଷକ ସତ୍ୟନାରାୟଣ ସାହୁ । ଦୀର୍ଘଦିନ ହେଲା ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ନିର୍ମିତ ଏହି ସିମେଣ୍ଟ କଂକ୍ରିଟ ରାସ୍ତାକୁ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ପାନୀୟ ଜଳଯୋଗାଣ ନିମନ୍ତେ ପାଇପ ବିଛାଇବାକୁ ଖୋଳା ଯାଇଥିଲା ।

ସେଥିରେ ପାଇପ ପକାଯିବା ପରେ ଉକ୍ତ ରାସ୍ତାକୁ ଅଧପନ୍ତରିଆ ଭାବେ ଛାଡ଼ି ଦିଆଯାଇଛି । ଫଳରେ ସେହି ରାସ୍ତାରେ ବାରମ୍ବାର ଦୁର୍ଘଟଣା ଘଟିବା ସହ ଟ୍ରାଫିକ ସମାସ୍ୟା ବୃଦ୍ଧି ପାଇଲା । ଏହାଦେଖି ବରିଷ୍ଠ ନାଗରିକ ସତ୍ୟନାରାୟଣ ସାହୁ ପତ୍ର



ମାଧ୍ୟମରେ ନିଜ ଅଭିଯୋଗ ଗ୍ରାମ୍ୟ ଉନ୍ନୟନ ବିଭାଗ ଓ ସମସ୍ତ ପ୍ରଶାସନିକ ଅଧିକାରୀଙ୍କୁ ଜଣାଇଥିଲେ । ଏହାପରେ ପୋଲିସ ପ୍ରଶାସନ ଉପସ୍ଥିତିରେ ୧୦ଦିନ ମଧ୍ୟରେ ଏହାର ମରାମତି ଶେଷ ପାଇଁ ଆରଡ଼ି ବିଭାଗ ପ୍ରତିଶୃତି ଦେଇଥିଲା । ହେଲେ ତରବରିଆ ଭାବେ ଉକ୍ତ ନିର୍ମାଣ କାର୍ଯ୍ୟକୁ ସଠିକ ରୂପେ କରାନଯିବାରୁ ଏହାର ସ୍ଥାୟିତ୍ୱକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା । ତେଣୁ ଏହାର ପୁର୍ନନିର୍ମାଣ ପାଇଁ ଆଜି ଶ୍ରୀ ସାହୁ ଉକ୍ତ ରାସ୍ତା ଉପରେ ଆମରଣ ଅନଶନରେ ବସିଥିଲେ । ଖବର ପାଇ ଅତିରିକ୍ତ ତହସିଲଦାର ଅବିନାଶ ମାହାର, ଆରଡ଼ି ବିଭାଗ କର୍ମଚାରୀ ଓ ପୋଲିସ ସେଠାରେ ପହଁଞ୍ଚି ଆଲୋଚନା ପାଇଁ ଶ୍ରୀ ସାହୁଙ୍କୁ ଥାନାକୁ ଡାକିଥିଲେ ।

ସେଠାରେ ଭଞ୍ଜନଗର ଆଇଆଇସି ଜୀବନାନନ୍ଦ ଜେନା ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ତୁରନ୍ତ ଏହାର ସମାଧାନ ପାଇଁ ପ୍ରତିଶ୍ରୁତି ଦେବା ପରେ ଶ୍ରୀ ସାହୁ ଅନଶନରୁ ଉଠିଥିଲେ ।

## ଆଇନ ସଚେତନତା କାର୍ଯ୍ୟକ୍ରମ

**ସୋରଡ଼ା,୧୯ ।୧(ସମିସ):** ସୋରଡା ବ୍ଲକ ସମ୍ମିଳନୀ କକ୍ଷରେ ତାଲୁକ୍ ଆଇନ ସେବା କମିଟି ଆନୁକୂଲ୍ୟରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ କମିଟିର ଅଧ୍ୟକ୍ଷ ତଥା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ସ୍ଥିତପ୍ରଜ୍ଞ ବିଶ୍ୱାଳ, ଜିଲ୍ଲା ମାଜିଷ୍ଟ୍ରେଟ ଶେଖ ମହମ୍ମଦ କ୍ୟୁରେସି ଅଧ୍ୟକ୍ଷତା କରିଥିବା ବେଳେ ବରିଷ୍ଠ ଦେୱାନୀ ବିଚାରପତି ତଥା ସହକାରୀ ଦୌରାଜଜ୍ ଲୋକନାଥ ମିଶ୍ର, ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଭାପତି ବ୍ୟୋମକେଶ ନାୟକ, ତହସିଲଦାର ତଥା କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ ଗୋପାଳକୃଷ୍ଣ ରାଉତରାୟ, ମହିଳା ଓ ଶିଶୁ ବିକାଶ ଅଧିକାରୀ ସବିତା ସାବତ ଯୋଗଦେଇଥିଲେ । ଆଇନଜୀବୀ ପ୍ରିୟ ରଞ୍ଜନ ପାଢ଼ୀଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଆଇନଜୀବୀ ସଂଘ ସଭାପତି କାଳୀଚରଣ ପାଢ଼ୀ, ସମ୍ପାଦକ ନୀଳାଚଳ ବିଶୋଇ, ବରିଷ୍ଠ ଆଇଜୀବୀ ଶିବପ୍ରସାଦ ବାହିନୀପତି, ମହମ୍ମଦ ଆସଲମ୍ ସରିଫ, ଭବାନୀ ଶଙ୍କର ଦାସ, ଶକ୍ତି ରଞ୍ଜନ ସୁଆର, ମନୋଜ କୁମାର ପାତ୍ର, ଭଗବାନ ମୁନି, ବିଜନ କୁମାର ଦାସ, ମହେଶ୍ୱର ବେହେରାଙ୍କ ସମେତ ସମସ୍ତ ଆଇନଜୀବୀ, ସୋରଡା ଅଦାଲତର ସମସ୍ତ କର୍ମଚାରୀ, ମା କନ୍ଧୁଣି ଦେବୀ ସେବା ପରିଷଦର ସଦସ୍ୟଙ୍କ ସହିତ ବିଶିଷ୍ଟ ସମାଜସେବୀ ଲକ୍ଷ୍ମୀ ଚରଣ ପଣ୍ଡା, ବାପିଷ୍ଟ ବେହେରା ଓ ଋଷିକୁଲ୍ୟା ଡିଗ୍ରୀ କଲେଜର ଛାତ୍ର ଛାତ୍ରୀ ତଥା ସୋରଡା ପଞ୍ଚାୟତ ସମିତିର ବିଭିନ୍ନ ପଞ୍ଚାୟତରେ କାର୍ଯ୍ୟରତ ଆଶାକର୍ମୀ ଉପସ୍ଥିତ ରହିଥିଲେ ।

---

# ଶତ୍ରୁଶୋଲ ଆଦର୍ଶ ବିଦ୍ୟାଳୟରେ ଶିକ୍ଷାଦାନ ଠପ୍

ହୁମ୍ମା,୧୯ ।୧(ସମିସ)

ଗରିବ ଓ ଆର୍ଥିକ ଅନଗ୍ରସର ପିଲାଙ୍କୁ ଇଂରାଜୀ ମାଧ୍ୟମ ଶିକ୍ଷା ପ୍ରଦାନ ଉଦ୍ଦେଶ୍ୟରେ ପୂର୍ବତନ ସରକାର ଓଡ଼ିଶା ଆଦର୍ଶ ବିଦ୍ୟାଳୟ ନିର୍ମାଣ କରିଥିଲେ । ଏନେଇ ସରକାର କୋଟିକୋଟି ଟଙ୍କା ଖର୍ଚ୍ଚ କରୁଥିଲେ ମଧ୍ୟ ଛାତ୍ରଛାତ୍ରୀମାନେ ଉତ୍ତମ ଶିକ୍ଷାରୁ ବଞ୍ଚିତ ହୋଇ ପରୀକ୍ଷାରେ ନୈରାଶ୍ୟଜନକ ଫଳ କରୁଛନ୍ତି । ଏଭଳି ଘଟଣା ଦେଖିବାକୁ ମିଳିଛି ଗଞ୍ଜାମ ବ୍ଲକର ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଶତ୍ରୁଶୋଲରେ । ଏହି ବିଦ୍ୟାଳୟରେ ପାଠପଢ଼ା ଅବ୍ୟବସ୍ଥାରେ ଚାଲୁଥିବା ଅଭିଯୋଗ ହୋଇଛି । ଶିକ୍ଷକ ମାନେ ଉନ୍ନତମାନର ଶିକ୍ଷା ପ୍ରଦାନ କରୁନଥିବାରୁ ଅଭିଭାବକ ମହଲରେ ଅସନ୍ତୋଷ ବୃଦ୍ଧି ପାଇଛି । ଶିକ୍ଷକମାନେ ସମାୟାନୁବର୍ତ୍ତିତା ହେଉନାହାନ୍ତି । ଅଭିଭାବକମାନେ ପ୍ରତିବାଦ କରିଲେ ମଧ୍ୟ ଚେତ୍ତୁ




ନାହାଁନ୍ତି ଶିକ୍ଷକ । ଫଳରେ ଛାତ୍ରଛାତ୍ରୀମାନଙ୍କ ପାଠ ପଢ଼ାରେ ବ୍ୟାଘାତ ଘଟୁଛି । ବିଦ୍ୟାଳୟର ଶିକ୍ଷକ ମାନଙ୍କର ଅବ୍ୟବସ୍ଥା ସହ ପାଠ ପଢ଼ରେ ଖାମଖିଆଲି ଯୋଗୁ ଷାଣ୍ମାସିକ ଓ ବାର୍ଷିକ ପରୀକ୍ଷାରେ ଗତ ଦୁଇ ବର୍ଷ ଧରି ନିମ୍ନମାନର ମାର୍କ ଆଣୁଥିବାରୁ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତ ଏବେ ଅନ୍ଧାରରେ । ଅନେକ ଅବିଭାବକ କହିଛନ୍ତି ଆସନ୍ତା ବର୍ଷ ନିଜର ପିଲାମାନଙ୍କୁ ଏଠାରୁ ବାହାର କରି ଅନ୍ୟତ୍ର ନେଇଯିବେ । ଗଞ୍ଜାମ ଜିଲ୍ଲାପାଳ ଏନେଇ ଦୃଷ୍ଟି ଆକର୍ଷଣ କରିବା ପାଇଁ ଅଭିଭାବକମାନେ ଦାବି କରିଛନ୍ତି ।

## ବରିଷ୍ଠ ଆଇନଜୀବୀଙ୍କ ପରଲୋକ

**କବିସୂର୍ଯ୍ୟନଗର,୧୯ ।୧(ସମିସ):** ବ୍ଲକଗ୍ରାଣ୍ଟ ଶିକ୍ଷକରୁ ଓକିଲ । ଓକିଲରୁ ବାର ସଭାପତି ଓ ନୋଟାରୀ ହୋଇ ବହୁ ପ୍ରଶଂସା ସାଉଁଟିଛନ୍ତି । ସେ ହେଉଛନ୍ତି କବିସୂର୍ଯ୍ୟନଗର ଗଙ୍ଗାଧର ସ୍କୁଲ ନିକଟ କିଶୋର ଚନ୍ଦ୍ର ପଣ୍ଡା ।



୬୧ ବର୍ଷ ବୟସରେ ସୋମବାର ତାଙ୍କର ପରଲୋକ ଘଟିଛି । ମଧ୍ୟାହ୍ନ ୧୧ଟାରେ ଛାତିରେ ଯନ୍ତ୍ରଣା ହେବାରୁ ତାଙ୍କୁ ଆସିକା ମେଡିକାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ତାଙ୍କ ମର ଶରୀରକୁ କବିସୂର୍ଯ୍ୟନଗର କୋର୍ଟ ଓ କୋଦଳା କୋର୍ଟକୁ ଶେଷ ଦର୍ଶନ ପାଇଁ ନିଆଯାଇଥିଲା । ଜଜ୍‌ମାନେ ଶେଷ ଦର୍ଶନ ସହ ଶ୍ରଦ୍ଧାଞ୍ଜଳି ଦେଇଥିଲେ । ପରେ ପୁରୀ ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର କରାଯାଇଛି । କବିସୂର୍ଯ୍ୟନଗର ଓ କୋଦଳା ଶତାଧିକ ଆଇନଜୀବୀ ଶ୍ରଦ୍ଧାଞ୍ଜଳି ଦେବା ସହ ଶୋକ ପ୍ରକାଶ କରିଥିଲେ । କିଶୋରଙ୍କ ଦୁଇ ପୁଅ ଓ ସ୍ତ୍ରୀ ରହିଛନ୍ତି ।

